# ଘଣ୍ଟା

କବି ରଘୁନାଥ ଦାସ

ପେଣ୍ଡୁଲମ୍ ଦୋଳେ

ବାଏଁ ଡାଏଁ, ଡାଏଁ ବାଏଁ... ।

ଘଣ୍ଟା ଚାଲେ ଟିକ୍, ଟିକ୍ ଟିକ୍... ।

ଇଏ କହୁଛି : ସେ ଭୁଲ୍ , ଆପେ ଠିକ୍ ।

ସେ କହୁଛି: ଇଏ ଭୁଲ୍, ସେ ଠିକ୍ ।

ଘଣ୍ଟା ଚାଲେ ଟିକ୍, ଟିକ୍ ଟିକ୍ ।

ପେଣ୍ଡୁଲମ୍ ଦୋଳେ ଦୋଳେ

ବାଁରୁ ଡାଏଁ, ଡାଁରୁ ବାଏଁ;

ପାଞ୍ଚ ସାଲେ ଭୋଟ ପାଳା

ଆମେ ତହିଁ ଦେଇଥାଉଁ ରାୟ ।

ଇଏ କହେ ଗରିବ ହଟାଓ! ଦୃଢ଼ ଆମ

ନୀତି,

ସିଏ କହେ ଆମେ ଆଣିଦେବୁ ଦେଶର

ପ୍ରଗତି ।

www.jataayu.org

Powered by Tekons

# ଘଣ୍ଟା

କବି ରଘୁନାଥ ଦାସ

ବସିଛି ଅନେକ ସଭା ବହୁତ ସମିତି;

କିଏ ତୁମେ ବନ୍ଧୁ କୁହ ।ବାଘ ଅବା ଭାଲୁ?

ସମୟର ଗତି ତାଳେ ଆମେ ଗଡିଚାଲୁ ।

ମନେହୁଏ ଏ ସବୁ ଭେଲିକିଲଗା ଟ୍ରିକ୍

ଘଣ୍ଟା ଚାଲେ ଟିକ୍, ଟିକ୍ ଟିକ୍... ।

ପେଣ୍ଡୁଲମ୍ ଦୋଳେ ଦୋଳେ

ଘଣ୍ଟ ଚାଲେ ଏକ ଦୁଇ ତିନି..

ବାର ବାଜେ ତେର ନାହିଁ,

ଗଣୁଥାଏ ମୂଳଠାରୁ ପୁଣି ।

ଆଖିରେ  ବାନ୍ଧିଛ ତୁମେ ଯେ

ଅନ୍ଧପୁଟୁଳି,

ମେରିଆ ବଳଦ ଭଳି ଚାଲିଛୁଁ ତ ଘୂରି

ସତ ପରି ଲାଗେ ତୁମ ଇନ୍ଦ୍ରଜାଲ ମେଜିକ୍

ଘଣ୍ଟା ଚାଲେ ଟିକ୍, ଟିକ୍ ଟିକ୍... ।

ଯାଦୁକର ଇତିହାସ ତୁମେ ଗଲ ଭୁଲି,

www.jatayu.org

# ଘଣ୍ଟା

କବି ରଘୁନାଥ ଦାସ

ଆମେ ରୋମୀୟ ପ୍ରଭୁଙ୍କ ସବୁ ଘଣ୍ଟା ଚୂରି

ଗତିପଥ କରିଥିଲୁ ଏକାନ୍ତ ତୀର୍ଯ୍ୟକ୍;

ଯାତ୍ରପଥେ ଆଣିଥିଲୁ ଅଭିନବ ଦିଗ

ପୁଣିଥରେ

ଆମେ ଯେବେ ଫିଙ୍ଗିଲୁ ଦୁର୍ଦ୍ଦମ

ପ୍ୟାରୀ ପ୍ରାସାଦ ଶିଖରୁ ଲମ୍ବେ ପେଣ୍ଡୁଲମ୍;

ଭାଙ୍ଗୁଛି ତ ଏ ଘଣ୍ଟାକୁ କ୍ରେମ୍ଲିନ୍ ଶିରେ

ରକ୍ତସ୍ନାତ ଶକ୍ତ ହାତେ ମସ୍ତ ହାତୁଡିରେ ।

ଯାଦୁଗର ଜାଣିରଖ,

ଜନତା ନୋହିଛି ବନ୍ଧା ଘଣ୍ଟା

ଇନ୍ଦ୍ରଜାଲେ ।

ପୁଣି-

ତୁମକୁ ଭେଟିବୁ ଆମେ ରକ୍ତାକ୍ତ

ସକାଳେ ।

ତୁମ ଘଣ୍ଟାରେ ସେବେ ବାଜିଥିବ ଛ'ଟା;

ତୁମେ କିନ୍ତୁ ନ ଥିବ;

www.jatayu.org

ଥିବ ଖାଲି ଜାଗ୍ରତ ଜନତା ॥

www.jataayu.org